# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଅବ୍ରାହାମ୍‌ଙ୍କୁ ଈଶ୍ୱରଙ୍କ ପ୍ରତିଜ୍ଞା



ଲେଖକ: Edward Hughes
ଦୃଷ୍ଟାନ୍ତ: Byron Unger; Lazarus
ଉପଯୋଜକ: M. Maillot; Tammy S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଜଳପ୍ଲାବନର ଅନେକ ସମୟ ପରେ, ଜଗତର ଲୋକମାନେ ଏକ ଯୋଜନା କଲେ । ଆମ୍ଭେମାନେ ଏକ ବୃହତ୍ ସହର ନାର୍ମାଣ କରିବା ଯାହାର ଶୃଙ୍ଗ ସ୍ୱର୍ଗକୁ ପହଞ୍ଚିବ, ସେମାନେ କହଲେ । ଆସ ଆମ୍ଭେ ସର୍ବଦା ସଙ୍ଗରେ ବାସ କରିବା ।

ସମସ୍ତେ ଏକା ପ୍ରକାରେ କହିଲେ ।



ପରମେଶ୍ୱରଙ୍କ ଇଚ୍ଛା ଥିଲା ଯେ ଲୋକମାନେ ତାହାଙ୍କ ସୃଷ୍ଟି
ସାରା ଜଗତେରେ ବ୍ୟାପିଯାଆନ୍ତୁ, ତେଣୁ ସେ କିଛି ଉଲ୍ଲାଜନକ
କଲେ । ଅଚ଼ାନକ୍ ଭାବରେ, କିଛି ଲୋକ ଅଲଗା ଭାବରେ
କହିବାକୁ ଲାଗିଲେ । ପରମେଶ୍ୱର ସେମାନଙ୍କୁ ଏକ ନୂତନ
ଭାଷା ପ୍ରଦାନ କଲେ ।



ଯେଉଁମାନେ ଗୋଟିଏ ପ୍ରକାରର ଭାଷା କହିଲେ ସମସ୍ତେ ମିଶି ଅଲଗା ହୋଇ ପଳାୟନ କଲେ । ହୋଇପାରେ ଲୋକମାନେ ଅନ୍ୟକୁ ଭୟ କରିବାକୁ ଲାଗିଲେ ଯେହେତୁ ସେମାନେ ସେମାନଙ୍କ ଭାଷା ବୁଝି ପରିଲେ ନାହିଁ । ଏହିପ୍ରକାରେ, ପରମେଶ୍ୱର ଲୋକମାନଙ୍କୁ ଅନ୍ୟ ଦେଶ ମାନଙ୍କରେ ବାସ



କରାଇଲେ । ଯେଉଁ ସହରକୁ ସେମାନେ

ପରିତ୍ୟଗ କଲେ ତାହାର ନାମ ବାବେଲ୍ କୁହାଯାଏ । ଯାହାର ଅର୍ଥ ବଣା ।

ଅନେକ ବର୍ଷ ପରେ, ଏକ କଲ୍‌ଦିଅ
ମାନଙ୍କ ଉର୍ ନାମକ ସ୍ଥାନରେ,
ପରମେଶ୍ୱର ଅବ୍ରାମ୍ ନାମକ ଲୋକ
ସହିତ କଥା କହଲେ । ଏହି ସ୍ଥାନକୁ
ପରିତ୍ୟାଗ କର, ପପରମେଶ୍ୱର
ଆଜ୍ଞା ଦେଲେ । ଆମ୍ଭେ ଯେଉଁ
ସ୍ଥାନ ଦେଖାଇବା ସେହି
ସ୍ଥାନକୁ ପ୍ରସ୍ଥାନ କର ।



ଅବ୍ରାମ୍ ବାଧ୍ୟ ହେଲେ । ପରମେଶ୍ୱର ଚ଼ାଳନାରେ ତାହଙ୍କୁ କାନାନ୍ ନାମକ ଦେଶକୁ ନେଇଗଲେ ।
ତାଙ୍କ ପତ୍ନୀ ସାରାଇ ଓ ଭାତୃପୁତ୍ର ଲୋଟ ମଧ୍ୟ ତାଙ୍କ ସଂଗରେ ଗଲେ ।



କାନାନ୍ ଦେଶରେ, ଅବ୍ରାମ୍ ଓ ଲୋଟ ଦୁହେଁ ଧନୀ ହୋଇଗଲେ, ତାଙ୍କର ଅନେକ ପଶୁ ଥିଲେ । ସେହି ସ୍ଥାନରେ ଅନେକ ପଶୁ ମାନଙ୍କ ନିମନ୍ତେ ଖାଦ୍ୟ ନଥିଲା ।



ଲୋଟଙ୍କର ଚାକରମାନେ ଅବ୍ରାମଙ୍କ ଚାକର ମାନଙ୍କ ସହିତ ଝଗଡ଼ା କଲେ । ଝଗଡ଼ା କରିବା ଅନାବଶ୍ୟକ ଅବ୍ରାମ୍ ଲୋଟଙ୍କୁ କହିଲେ । ଆମ୍ଭେମାନେ ଅଲଗା ହୋଇଯିବା, ଲୋଟ, ତୁମ୍ଭେ ପ୍ରଥମେ ନିଜ ଇଚ୍ଛାରେ ସ୍ଥାନ ପସନ୍ଦ କରି ନେଇଯାଅ ।



ଲୋଟ କୋମଳ ଘାସ ଓ ଅତି ସୁନ୍ଦର ସମତଳ ସହର ଓ
ଗ୍ରାମ୍ୟ ଥିବା ସ୍ଥାନକୁ ପସନ୍ଦ କଲେ । ଏହା ଦେଖିବାକୁ ସୁନ୍ଦର
ଥିଲା । କିନ୍ତୁ ସହରଗୁଡ଼ିକ ପାପରେ ପରିପୂର୍ଣ୍ଣ ଥିଲେ ।





ଲୋଟଙ୍କ ଯିବା ପରେ, ପୁଣିଥରେ ପରମେଶ୍ୱର ଅବ୍ରାମଙ୍କୁ କଥା କହିଲେ । ମୁ କାନାନ୍ ର ସମସ୍ତ ସ୍ଥାନ ତୁମ୍ଭକୁ ଓ ତୁମ୍ଭ ପୁତ୍ରଗଣଙ୍କୁ ସଦାକାଳ ନିମନ୍ତେ ପ୍ରଦାନ କରିଅଛୁ । ଅବ୍ରାମ ଏବଂ ସାରାଇଙ୍କର କୌଣସି ପୁତ୍ର ସନ୍ତାନ ନଥିଲା । ତେବେ କିପରି ଭାବରେ ଇଶ୍ୱର ନିଜର ପ୍ରତିଜ୍ଞା ରକ୍ଷା କରିପାରିବେ ।



ପରମେଶ୍ୱରଙ୍କଠାରୁ ତିନିଜଣ ବ୍ୟକ୍ତି

ଅବ୍ରାମ୍ ଓ ସାରାଇଙ୍କ ନ୍କଟକୁ ଆସିଲେ । ଅତି ଶିଘ୍ର ତୁମ୍ଭେମାନେ ଗୋଟିଏ ସନ୍ତାନ ପାଇବ, ସେମାନେ କହିଲେ । ସାରାଇ ହସିଲେ, ସେ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କଲେ ନାହିଁ । ତାହାଙ୍କର ବୟସ ନବେବର୍ଷ ଥିଲା । ପରମେଶ୍ୱର ମଧ୍ୟ ଅବ୍ରାମଙ୍କ ନାମ ଅବାହାମ୍ ଦେଲେ । (ଜାତିର ପିତା) ଓ ସାରାଇ ଙ୍କର ନାମା ସାରା ଅର୍ଥାତ୍ ରାଜକୁମାକରି ।

ପରମେଶ୍ୱର ଅବ୍ରାହାମ୍ଙ୍କୁ ମଧ୍ୟ କହିଲେ ଯେ
ସେ ଦୁଇ ସହର ଯାହା ଦୁଃଷ୍ଟତାରେ ପରିପୂର୍ଣ୍ଣ
ସଦମ ଓ ଗମରାକୁ ଧ୍ୱଂଶ କରିବାକୁ ଯାଉଛନ୍ତି ।
ସଦମ ସହରରେ ଅବ୍ରାହାମ୍ଙ୍କ ଭାତୃପୁତ୍ର ନିଜ
ପରିବାର ସହ ସେଠାରେ ବାସ କରୁଥିଲେ ।



ଲୋଟ ପରମେଶ୍ୱରଙ୍କ ଚେ଼ତାବନି

ଆସିବାରୁ ତାହା ଉପରେ ବିଶ୍ୱାସ କଲେ ।

କିନ୍ତୁ ତାଙ୍କର ପୁତ୍ରି ଓ ସେମାଙ୍କର

ସ୍ୱାମିମାନେ ସଦମ ସହର ପରିତ୍ୟାଗ

କରିବାକୁ ମନା କଲେ । କି ଭୟଙ୍କର

ସେମାନେ ପରମେଶ୍ୱରଙ୍କ ବାକ୍ୟ

ଉପରେ ବିଶ୍ୱାସ କଲେ ନାହିଁ ।



କେବଳ ଲୋଟ ଓ ତାଙ୍କର ଦୁଇ ଝିଅ ନିରାପଦ
ସ୍ଥାନକୁ ପ୍ରସ୍ଥାନ କରିପରିଲେ । ଅଗ୍ନି ଓ ଗନ୍ଧକ
ସେହି ଦୁଇ ଦୁଃଷ୍ଟତା ସହର
ଉପରେ ପଡ଼ିଲା ।



ଦୁଃଖରକଥା ଯେ ଲୋଟଙ୍କର ପତ୍ନୀ ପରମେଶ୍ୱରଙ୍କ ବାକ୍ୟକୁ ଅମାନ୍ୟ କରି ଦୌଡ଼ିବା ସମୟରେ ପଛକୁ ଚ଼ାହିଁଲା । ସଂଗେ ସଂଗେ ସେ ଲବଣ ସ୍ତମ୍ଭ ପଲଟି ଗଲା ।



ପରମେଶ୍ୱର ଅବ୍ରହାମ୍ ଓ
ସାରାଙ୍କୁ ଦେଇଥିବା ନିଜର
ପ୍ରତିଜ୍ଞାକୁ ରକ୍ଷା କଲେ ।
ସେମାନେ ନିଜର
ବୃଦ୍ଧାବସ୍ଥାରେ ସନ୍ତାନ
ପ୍ରାପ୍ତ ହେଲେ, ଯେପରି
ଭାବରେ ପରମେଶ୍ୱର
କହିଥିଲେ । ସେମାନେ
କିପରି ଭାବରେ ଆନନ୍ଦ
କଲେ ଯେତେବେଳେ
ଇସ୍‌ହାକ ଜନ୍ମ
ଗ୍ରହଣ କଲେ ।





ହୋଇପାରେ ଅବ୍ରାହାମ୍ ମଧ୍ୟ
ସେହି ଇଶ୍ୱରଙ୍କ ପତିଜ୍ଞା ଉପରେ ଚିନ୍ତା
କଲେ, ଯାହା ସଦାପ୍ରଭୁ ତାଙ୍କୁ ଓ ତାଙ୍କ
ସନ୍ତାନ ଗଣଙ୍କୁ ସେହି କିଣାନ୍ ଦେଶ
ସଦାସର୍ବଦା ନିମନ୍ତେ ସେମାନଙ୍କୁ
ଦେବାକୁ ସ୍ଥିର କଲେ ।

ପରମେଶ୍ୱର
ସେହି ପ୍ରତିଜ୍ଞା
ମଧ୍ୟ ରଖିପାରିବେ ।
ପରମେଶ୍ୱର ସର୍ବଦା ଆପଣା
ପ୍ରତିଜ୍ଞା ରକ୍ଷାକାରି ଅଟନ୍ତି ।

ଅବ୍ରାହାମ୍ଙ୍କୁ ଈଶ୍ୱରଙ୍କ ପ୍ରତିଜ୍ଞା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୧୧-୨୧

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ
ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ ।
ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ,
ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ
ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ
ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ
ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ
କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ
କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ
ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି ।
ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬